## କୋଭିଡ୍ ନିୟମ ଉଲ୍ଲଂଘନ, ଜରିମାନା ଆଦାୟ

ଶେରଗଡ଼, (ଡି.ଏନ.ଏ.)-କୋଭିଡ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ତହସିଲ ଓ ଶେରଗଡ଼ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୫ ହଜାର ଟଙ୍କା ଜରିମାନା ଅଦାୟ କରାଯାଇଛି। ଶେରଗଡ଼ ବ୍ଲକ ଗୋଠଗାଁ ଗ୍ରାମରେ ଏକ ଭୋଜି ଆୟୋଜନ କରାଯାଇଥିଲା। ସେଠାରେ ସାମାଜିକ ଦୁରତା ନମାନି ବହୁ ଲୋକଙ୍କୁ ଏକାଠି କରି ଭୋଜି କରୁଥିବା ବେଳେ ତହସିଲଦାର ଡ.ଦୟାସିନ୍ଧୁ ପରିଡା,ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ,ଏଏସ୍ଆଇ ବିଷ୍ଣୁ ପ୍ରସାଦ ଦାଶ ସଦଳବଳ ପହଞ୍ଚି ଭୋଜିକୁ ବନ୍ଦ କରିଥିଲେ।

**ସଂକ୍ଷେପରେ**

### କରୋନା ଆକ୍ରାନ୍ତ ଆଇନଜୀବୀଙ୍କ ମୃତ୍ୟୁ



ଶେରଗଡ଼,୩୦।୪(ଡି.ଏନ.ଏ.): କରୋନାରେ ଗୁରୁବାର ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ ବ୍ଲକ ହରିକୃଷ୍ଣପୁର ଗ୍ରାମର ସ୍ୱର୍ଗତ ରଙ୍କମଣି ଦାଶଙ୍କ ପୁତ୍ର ସଚିନ ଦାଶ (୫୩)। ଗତ ୨୫ ତାରିଖରେ ସଚିନ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଗତ ୨୮ ତାରିଖରେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ପଜିଟିଭ ବାହାରିବାରୁ ସେ ଚିକିତ୍ସିତ ହେଉଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୁପ୍ରିମକୋର୍ଟର ୧୪ ନଂ କ୍ୟାବିନରେ ଜଣେ ବରିଷ୍ଠ ଆଇନ୍‌ଜୀବୀ ଭାବେ ୨୦ ବର୍ଷ ହେଲା ସଚିନ କାମ କରିଆସୁଥିଲେ।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବୁଗୁଡ଼ା,୩୦।୪(ଡି.ଏନ.ଏ.):** ବୁଗୁଡ଼ା ଥାନା ଭଗବାନପୁର ପଞ୍ଚାୟତ ନୂଆଁ ପାଣିକେଶ୍ୱର ଗ୍ରାମରେ ନଦୀରେ ବୁଡି ଖଦାଳ ବିଷୋୟୀ (୬୨)ଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେ ପୂର୍ବାହ୍ନରେ ଖଦାଳ ଗ୍ରାମ ନିକଟ ବାଘୁଆ ନଦୀକୁ ଗାଧୋଇବାକୁ ଯାଇ ଗଣ୍ଡରେ ବୁଡ଼ିଯାଇଥିଲେ। ଗ୍ରାମର ଅନ୍ତର୍ଯ୍ୟାମୀ ସ୍ୱାଇଁ ଏହା ଦେଖି ଅନ୍ୟମାନଙ୍କ ସହାୟତାରେ ଖଦାଳଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ନଂ. ୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଏସ୍‌ଡିପିଓଙ୍କ ଦାୟିତ୍ୱ ଗ୍ରହଣ



**ପୁରୁଷୋତ୍ତମପୁର,୩୦।୪(ଡି.ଏନ.ଏ.):** ପୁରୁଷୋତ୍ତମପୁରରେ ନୂତନ ଏସ୍‌ଡିପିଓ ଭାବେ ସୂର୍ଯ୍ୟମଣି ପ୍ରଧାନ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ତାଙ୍କୁ ପୁରୁଷୋତ୍ତମପୁର ଆଇଆଇସି ଜଗନ୍ନାଥ ମଲ୍ଲିକ, ପୋଲସରା ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ, କୋଦଳା ଆଇଆଇସି ଦେବାଶିଷ ମହାନ୍ତି, କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ଆସି ସମ୍ବର୍ଦ୍ଧନା ଜଣାଇଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀ କୈଳାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ଗୌଡ ଓ ସ୍ୱପ୍ନା ସେଠୀ ସମ୍ବର୍ଦ୍ଧନା ଦେଇଥିଲେ।

### ସବ୍ ରେଜିଷ୍ଟ୍ରାର ଅଫିସରେ ମେ ୧୫ ଯାଏ କାର୍ଯ୍ୟ ବନ୍ଦ

**ପୁରୁଷୋତ୍ତମପୁର,୩୦।୪(ଡି.ଏନ.ଏ.):** ମାରାତ୍ମକ ମହାମାରି କରୋନାର ଦ୍ୱିତୀୟ ଲହର ଭୟାବହତାକୁ ନେଇ ପୁରୁଷୋତ୍ତମପୁର ସବ୍ ରେଜିଷ୍ଟଅଫିସରେ କାର୍ଯ୍ୟରତ ଓକିଲ ଓ ଦଲିଲ ଲେଖକମାନେ ମେ ମାସ ୧୫ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଲାଗି ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ସେମାନେ ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଟୁଡୁଙ୍କୁ ଲିଖିତ ଭାବେ ପ୍ରଦାନ କରି ସହଯୋଗ ଲୋଡିଛନ୍ତି। ଏହାକୁ ଅତିରିକ୍ତ ତହସିଲଦାର ଗ୍ରହଣ କରି ସହଯୋଗର ପ୍ରତିଶ୍ରୁତି ଦେଇଥିବା ଓକିଲ ପ୍ରଶାନ୍ତ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ଆଚାର୍ଯ୍ୟ, ଅଜୟ କୁମାର ପଣ୍ଡା କହିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ତୁଳସୀନଗରବାସୀ



ଦୂର ସ୍ଥାନରୁ ପାଣି ଆଣୁଛନ୍ତି ମହିଳା।



ଝରଣା ପାଣି ସଂଗ୍ରହ କରୁଛନ୍ତି ମହିଳା

**ଆର.ଉଦୟଗିରି,୩୦।୪(ଡି.ଏନ.ଏ.)**

ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ବିକାଶ ପହଞ୍ଚାଇବା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ମଧ ଲୋକମାନେ ପାନୀୟ ଜଳ, ରାସ୍ତାଘାଟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଢେପଗୁଡା ପଞ୍ଚାୟତ ଅଧୀନ ତୁଳସୀ ନଗର ଗ୍ରାମରେ। ପାହାଡି ଇଲାକା ମଧ୍ୟରେ ରହିଥିବା ଏହି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଶବର ସମ୍ପ୍ରଦାୟର ଆଦିବାସୀ ପରିବାର ରହୁଛନ୍ତି। ନିଜ ଅଞ୍ଚଳରେ ପୋଡୁଚାଷ କରିବା ସହ ଜଙ୍ଗଲଜାତ ଜିନିଷ ସଂଗ୍ରହ କରି ଜୀବିକାର୍ଜନ କରି ଆସୁଥିବା ବେଳେ ଗ୍ରାମରେ ବର୍ଷ ବର୍ଷ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗାଁରେ ପିଇବା ପାଣି ପାଇଁ ନଳକୂପଟିଏ ନାହିଁ। ସରକାରୀ ଯୋଜନା କହିଲେ କେବଳ ଟଙ୍କିକିଆ ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା। ଗାଁରେ ନଳକୂପ ଖନନ କରିବା ପାଇଁ ବହୁବାର ସରପଞ୍ଚଠାରୁ ଆରମ୍ଭ କରି ବହୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ କେବଳ ପ୍ରତିଶ୍ରୁତି ହିଁ ମିଳିଛି। ଗ୍ରାମରେ ଥିବା ଏକ ଝରଣା ପାଣିକୁ ଆଣି ହାତଖୋଳା କୂଅରେ ଭର୍ତ୍ତି କରୁଛନ୍ତି। ହେଲେ ଖରାଦିନେ ତାହା ଶୁଖିଯାଉଛି। ଫଳରେ ଗାଁଠାରୁ ଦେଢକିଲୋମିଟର ଦୂର ପାହାଡ଼ିଆ ରାସ୍ତାରେ ଚାଲି ଚାଲି ଯାଇ ଝରଣାରୁ ପାଣି ଆଣିବାକୁ ପଡୁଛି। ତୁଳସୀ ନଗର ଗ୍ରାମରେ ଜଳ ସମସ୍ୟା ଥିବା ବେଳେ ଅଧିକାଂଶ ସମୟରେ ଦୂଷିତ ଜଳ ବ୍ୟବହାର କରି ଗ୍ରାମବାସୀ ରୋଗଗ୍ରସ୍ତ ହେଉଛନ୍ତି। ସଚେତନତା ଅଭାବରୁ ଚିକିତ୍ସା ପାଇଁ ଚେରମୂଳ ଉପଚାର କରୁଛନ୍ତି ଗ୍ରାମବାସୀ। ଗାଁଠାରୁ ନିଜ ପଞ୍ଚାୟତ ଢେପାଗୁଡା ଏବଂ ବ୍ଲକ ମୁଖ୍ୟାଳୟକୁ ଯାତାୟାତ ପାଇଁ ଭଲ ରାସ୍ତା ନାହିଁ। ପଥୁରିଆ, ଖାଲଖମା ରାସ୍ତାଟି ଗ୍ରାମବାସୀ ବାରମ୍ବାର ନିଜ ଖର୍ଚ୍ଚରେ ମରାମତି କରୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଫଳରେ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ ପହଞ୍ଚି ପାରୁନାହିଁ। ଉକ୍ତ ସମସ୍ୟା ନେଇ ତୁଳସୀ ନଗର ବାସିନ୍ଦା ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଢେପାଗୁଡ଼ା ସରପଞ୍ଚ ସରସ୍ୱତୀ ମଲ୍ଲିକ କହିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ସରକାର ମାଳ ମାଳ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ତୁଳସୀ ନଗର ଗ୍ରାମରେ ବିକାଶ ଅପହଞ୍ଚ ହୋଇରହିଛି। ତେବେ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ କହିଛନ୍ତି।

## କନ୍ଧମାଳରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ଦାବି

**ଫୁଲବାଣୀ ଅଫିସ, ୩୦।୪**

କନ୍ଧମାଳ ଜିଲାରେ କୋଭିଡ୍ ସଂକ୍ରମଣକୁ ପ୍ରତିହତ କରିବା ଏବଂ ଏହାର ସୁପରିଚଳାନା କରିବା ଲାଗି ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିସହ ଜିଲାରେ ଏକ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଦାବି କରାଯାଇଛି। ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସମସ୍ତ ବ୍ଲକରେ କୋଭିଡ କେୟାର ସେଣ୍ଟର ଖୋଲିବା ଆବଶ୍ୟକତା ଅଛି। ଜିଲାରେ ଅକ୍ସିଜେନ୍ ଉତ୍ପାଦନର କୌଣସି ସୁବିଧା ନାହିଁ । ବହାରୁ ଆସିଲେ ରୋଗୀ ପାଇବେ । ତେଣୁ ଜିଲା ସଦର ମହକୁମାରେ ଅକ୍ସିଜେନ ପ୍ଲାଣ୍ଟ ଖୋଲିବା, ପଞ୍ଚାୟତସ୍ତର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ମାତ୍ରାରେ କରୋନା ଟେଷ୍ଟିଂ ସୁବିଧା କରିବା, ସମସ୍ତ ବ୍ଲକରେ ସିସିସି ଏବଂ ଆଇସୋଲେଶନ ସେଣ୍ଟର ଖୋଲିବା, କୋଭିଡ୍ ହସ୍ପିଟାଲରେ ସିସିଟିଭି ବ୍ୟବସ୍ଥା କରିବା, ପର୍ଯ୍ୟାପ୍ତ ଆଇସିୟୁ ବେଡ ଏବଂ ଭେଣ୍ଟିଲେଟର ସୁବିଧା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି, ପରେଶ ମହାପାତ୍ର, ବିଶ୍ୱରଞ୍ଜନ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

## ସୋରଡ଼ାରେ କାର୍ଯ୍ୟକ୍ଷମ ହେବ ସିସିସି



ଉପଜିଲାପାଳ ଅନୁଧ୍ୟାନ କରୁଛନ୍ତି।

**ସୋରଡ଼ା,୩୦।୪(ଡି.ଏନ୍.ଏ.)**

ସୋରଡ଼ା ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କାକୁ ଦୃଷ୍ଟିରେ ରଖି ପୂର୍ବ ପ୍ରସ୍ତୁତି ମୁତାବକ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ୧୦୩ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର (ସିସିସି) ପାଇଁ ବିଧିବଦ୍ଧ ବ୍ୟବସ୍ଥା ସରିଛି। ଶୁକ୍ରବାର ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର,ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର, ଏବି ସଞ୍ଜିବରାଜ ସେନାପତି, ବିପିଏମ ଗୋଲକନାରାୟଣ ଗରୀୟାଗଡୁ ପ୍ରମୁଖ ୫ ଜଣିଆ ଦଳ ମଧ୍ୟାହ୍ନରେ ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ସ୍ୱଚ୍ଛତା, ଗରମ ପାଣି, ଖାଦ୍ୟ, ଶଯ୍ୟା, ଦୂରତା ପାଳନ, ଔଷଧ, ଡାକ୍ତର ଉପସ୍ଥିତି ଉପରେ ଆଲୋଚନା କରିଥିଲେ। ଏଠାରେ କୋଭିଡ୍ ରୋଗୀଙ୍କୁ ସେବା ଯୋଗାଇବା ସହ ୧୦୩ ଅକ୍ସିଜେନର ବ୍ୟବସ୍ଥା କରାଯାଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାରରୁ ବେଡ୍ ,ଜେନେରେଟର ସମେତ ଆବଶ୍ୟକ ସମସ୍ତ ସରଞ୍ଜାମ ଯୁଦ୍ଧ କାଳୀନ ଭିତ୍ତିରେ ଏଠାକୁ ଆସି ପହଞ୍ଚିବା ସହ ସୋମବାରଠାରୁ ସେଣ୍ଟର ଆରମ୍ଭ ପାଇଁ ଯଥାସମ୍ଭବ ଚେଷ୍ଟା ଚାଲିଥିବା ଗରିୟାଗଡୁ ସୂଚନା ଦେଇଛନ୍ତି। କୋଭିଡ୍ କେୟାର ସେଣ୍ଟରରେ ଯେପରି ଆବଶ୍ୟକ ମୁତାବକ ସମସ୍ତ ସୁବିଧା ରହିବ ସେଥିପାଇଁ ଧ୍ୟାନ ଦେବାକୁ ଉପଜିଲାପାଳ କହିଛନ୍ତି।

# ଜିଲାପାଳଙ୍କ କୋଭିଡ୍ ସ୍ଥିତି ସମୀକ୍ଷା



ଦିଗପହଣ୍ଡିରେ ଜିଲାପାଳଙ୍କ ଉଦ୍‌ବୋଧନ ।

**ଦିଗପହଣ୍ଡି/ପାତ୍ରପୁର/ଚିକିଟି ୩୦।୪(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଦିଗପହଣ୍ଡି, ପାତ୍ରପୁର, ଚିକିଟି ଗସ୍ତ କରି କରୋନା ମୁକାବିଲା ପାଇଁ ସ୍ଥିତି ସମୀକ୍ଷା କରିଥିଲେ। ଦିଗପହଣ୍ଡି ବ୍ଲକ ସମ୍ମୁଖରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନିର୍ବାଚିତ ଜନପ୍ରତିନିଧିଙ୍କ ସହ କରୋନା ମୁକାବିଲା ନେଇ ଆଲୋଚନା କରିଥିଲେ। ଉପସ୍ଥିତ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ଆଇଆଇସି ବସନ୍ତ କୁମାର ସେଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଏବଂ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ ଦିଗପହଣ୍ଡି ଅଞ୍ଚଳରେ କୋଭିଡ୍‌ର ସ୍ଥିତି ନେଇ ପଚାରି ବୁଝିବା ସହ ସମଗ୍ର ଅଞ୍ଚଳକୁ ଗ୍ରୀନ ଜୋନ୍‌ରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ପିତାମ୍ବର ଗୌଡ, କୃଷ୍ଣଚନ୍ଦ୍ର ସାହୁ, ରବି ନାରାୟଣ ପାଢ଼ୀ, ଉସନ୍ତ ସାହୁ, ଚୈତନ୍ୟ ପ୍ରଧାନ, ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଭଗବାନ ବାଡ଼ତ୍ୟାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ସେହିପରି ପାତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ଜିଲାପାଳ ଯୋଗଦେଇ ଗାଁରେ କୋଭିଡ୍ କମିଟି ଗଠନ କରିବା ସହ ପୋଖରୀରେ ଗାଧୋଇବାକୁ ବାରଣ କରିଛନ୍ତି । ପିପିଇ କିଟ ପିନ୍ଧି ଜନ ପ୍ରତିନିଧିମାନେ ଶବଦାହରେ ସାମିଲ ହୋଇପାରିବେ ପ୍ରକାଶ କରିଛନ୍ତି। ବୈଠକରେ ବିଡିଓ ପ୍ରକାଶ ଚନ୍ଦ୍ର ଦାସ, ତହସିଲଦାର ଅମିତ କୁମାର ନାୟକ, ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା ସମ୍ବିତ ବେଗରାୟ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରରେ କରୋନା ସଂକ୍ରମଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଯୋଗଦେଇ କରୋନା ସଂକ୍ରମଣକୁ କିପରି ମୁକାବିଲା କରାଯାଇପାରିବ ସେ ଉପରେ ଉପସ୍ଥିତ ଥିବା କର୍ମଚାରୀ ଓ ଜନ ପ୍ରତିନିଧି ମାନଙ୍କୁ କହିଥିଲେ। ଚିକିଟି ତହସିଲଦାର ହରପ୍ରସାଦ ଭୋଇ, ଜିପିଓ ଗଗନ ବିହାରୀ ଦାସ, ବ୍ଲକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ୧୭ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଜ୍ୱରରେ ଶିକ୍ଷକଙ୍କ ମୃତ୍ୟୁ

**ଗଞ୍ଜାମ,୩୦।୪(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି ଦାମୋଦରପୁର ଗ୍ରାମର ଅଜୟ କୁମାର ବେହେରାଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ କରପଡା ସ୍କୁଲରେ ଶିକ୍ଷକ ଥିଲେ। କିଛି ଦିନ ହେବ ଅଜୟ ଜ୍ୱରରେ ପୀଡିତ ଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ତହସିଲଦାର ଅରୁଣ କୁମାର ନାୟକ, ଏକ୍‌ଜିକ୍ୟୁଟିଭ୍ ଅଫିସର ରୋକିନି କୁମାର, ଆଇଆଇସି ଦିଲ୍ଲୀପ କୁମାର ସାହୁ, ଏସ୍‌ଆଇ ଅଜିତ ପରିଡା, ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଚନ୍ଦ୍ର ଶେଖର ରେଡ଼ି, କୋଭିଡ ମନିଟରିଂ ଟିମ ପ୍ରମୁଖ ମୃତ ଶିକ୍ଷକଙ୍କ ବାସଭବନରେ ପହଞ୍ଚି କଟକଣା ଅନୁଯାୟୀ ମୃତଦେହ ଦାହ ନିମନ୍ତେ ଶ୍ମଶାନ ନେବା ବ୍ୟବସ୍ଥା କରିଥିଲେ। ମାତ୍ର ଚାରିଜଣ ବ୍ୟକ୍ତି ପିପିଇ କିଟ୍ ପିନ୍ଧି ମୃତଦେହ ନେଉଥିବା ଦେଖିବାକୁ ମିଳିଥିଲା। କରୋନାରେ ଶିକ୍ଷକଙ୍କ ମୃତ୍ୟୁ ହୋଇଥିବା ସହରବାସୀ ଆଲୋଚନା କରୁଥିବା ବେଳେ କରୋନା ଆକ୍ରାନ୍ତ ବୋଲି ରେକର୍ଡରେ ନଥିବା ତହସିଲଦାର ନାୟକ ସୂଚନା ଦେଇଛନ୍ତି। ମୃତ ଶିକ୍ଷକଙ୍କ ଘରକୁ ସାନିଟାଇଜ୍ କରାଯାଇଥିଲା।

## କାଶୀନଗର ପଞ୍ଚାୟତ ସମିତି ବୈଠକ

**କାଶୀନଗର,୩୦।୪(ଡି.ଏନ.ଏ.)**

କାଶୀନଗର ପଞ୍ଚାୟତ ସମିତିର ଦଶମ ବୈଠକ ବ୍ଲକ ସଭାଗୃହଠାରେ ବ୍ଲକ ଅଧ୍ୟକ୍ଷ ଚିତ୍ରି ସିମାଦ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଡିଓ ସୀମାଞ୍ଚଳ ମହାନ୍ତି କରୋନା ମହାମାରୀ ସମ୍ପର୍କରେ ପଞ୍ଚାୟତର ସମସ୍ତ ସଭ୍ୟା ସଭ୍ୟମାନଙ୍କୁ ଅବଗତ କରିଥିଲେ। ବୈଠକ ପ୍ରଥମ ଉଦ୍ଦେଶ୍ୟ ୨୦୨୧-୨୦୨୨ ବ୍ଲକର ସମସ୍ତ ପଞ୍ଚାୟତ ଖର୍ଚ୍ଚ ମଞ୍ଜୁରୀ ଓ ଏକ୍ସନ ପ୍ଲାନ ଓ ବ୍ୟୟବରାଦ ପ୍ରସ୍ତୁତି କରାଯାଇ ସର୍ବସମ୍ମତି କ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚମ ଅର୍ଥ କମିଶନଙ୍କ ମଞ୍ଜୁରୀ ପ୍ରକାରେ ପଞ୍ଚାୟତ ଗୁଡିକରେ ଏକ୍ସନ ପ୍ଲାନ ଅନୁସାରେ ବ୍ୟୟ କରିବାକୁ ବୈଠକରେ ଅନୁମୋଦନ କରାଯାଇଥିଲା। ଏଥିରେ ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ଏମ୍‌ପି ପ୍ରତିନିଧି ଇ.ବାବୁରାଓ ଉପସ୍ଥିତ ଥିଲେ।

## ପିପୁଲ୍ସ କଲେଜ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପକ।

**ବୁଗୁଡ଼ା,୩୦।୪(ଡି.ଏନ.ଏ.)**

ବୁଗୁଡା ପିପୁଲସ କଲେଜ ପରିସରରେ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ରଜନୀ କାନ୍ତ ଦାଶ ଅଧ୍ୟକ୍ଷତା କରଥିବା ବେଳେ କର୍ମଚାରୀ ସଂଘ ସମ୍ପାଦକ ଅକ୍ଷୟ ସାହୁ ଓ ସହସମ୍ପାଦକ ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ୧୯୮୫ରୁ ୨୦୨୧ ପର୍ଯ୍ୟନ୍ତ ଦୀଘ ବର୍ଷ କାଳ ନିଷ୍ଠାର ସହ ଅଧ୍ୟାପନା କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା କଲେଜର ଇଂରାଜୀ ଅଧ୍ୟାପକ ସୁଦର୍ଶନ ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ କ୍ରିଷ୍ଣାରାଓ ପାତ୍ର, ପ୍ରଦୀପ କୁମାର ଦାଶ, ହିମାଂଶୁ ଶେଖର ରଥ, ରାମକୃଷ୍ଣ ନାୟକ, ଯୁଗଳ ଜେନା, କିଶୋର ପଣ୍ଡା ଓ ସୁରଜ କୁମାର ଡାକୁଆ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଅଧ୍ୟାପକ ଜୟରାମ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ଚାଲାଣ, ୨ଟ୍ରାକ୍ଟର ଜବତ

**ହିଞ୍ଜିଳିକାଟୁ,୩୦।୪(ଡ଼ି.ଏନ୍.ଏ):**

ଶୁକ୍ରବାର ଭୋରରେ ଖରିଡ଼ା କରେଇଶୁଣୀ ମନ୍ଦିର ନିକଟ ଋଷିକୂଲ୍ୟା ନଦୀରୁ ବାଲି ଚାଲାଣ ହେଉଥିବା ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସର ଏକ ଟିମ ଚଢ଼ାଉ କରିଥିଲା। ତେବେ ବାଲି ମାଫିଆ ସେଠାରୁ ଖସି ପଳାଇଥିବା ବେଳେ ବାଲି ଭର୍ତ୍ତି ୨ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଟ୍ରାକ୍ଟର ଡ୍ରାଇଭର ଶିକିରି ଗ୍ରାମର ବିଜୟ ମଳିକ ଓ ଶକିରି ନୂଆଁସାହିର ଶିଶିର ବରଡ଼ଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୦୪ ଓ ୨୦୫/୨୧ରେ ପୃଥକ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ଲିଜ ହୋଇନଥିବା ନଦୀ ଘାଟକୁ ୨ରୁ ୫ଦିନ ଲିଜ କାରବାରରେ ରାଜସ୍ୱ ବିଭାଗ କର୍ମଚାରୀ ମାଲାମାଲ ହେଉଛନ୍ତି। ଏପଟେ ଲୋକ ଦେଖାଣିଆ ଭାବେ ରାଜସ୍ୱ ଓ ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ ହୋଉଛି ବୋଲି କଂଗ୍ରେସ ବରିଷ୍ଠ ନେତା ଶମ୍ଭୁ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି।

# ଧରାପଡ଼ିଲେ ଅଭିଯୁକ୍ତ ଘରୋଇ ବ୍ୟାଙ୍କ ଅଧିକାରୀ

**ଦୋକାନୀଙ୍କୁ ହତ୍ୟା ମାମଲା**

**ଦିଗପହଣ୍ଡି,୩୦।୪(ଡି.ଏନ୍.ଏ.)**

ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ଗ୍ରାମରେ ଗତ ଜାନୁୟାରୀ ୩୧ ତାରିଖ ରାତିରେ ପାନ ଦୋକାନୀ ଦୁଷ୍ମନ୍ତ ଚୌଧୁରୀଙ୍କୁ ଘରୁ ଟାଣି ନେଇ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏ ନେଇ ପୋଲିସ ପୂର୍ବରୁ ନଂ.୨୬/୨୧ରେ ମାମଲା ରୁଜୁକରି ୭ ଜଣଙ୍କୁ ଗିରଫ କରିଥିଲା। ହତ୍ୟା ମାମଲାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏକ ଘରୋଇ ବ୍ୟାଙ୍କର ଅଧିକାରୀ ସୁନୀଲ କୁମାର ନାୟକ ଘଟଣା ପରଠାରୁ ଗିରଫ ଭୟରେ ଗାଁରୁ ଅନ୍ୟତ୍ର ପଳାଇଥିଲେ। ଦିଗପହଣ୍ଡି ପୋଲିସ ତାଙ୍କୁ ଶୁକ୍ରବାର ବ୍ରହ୍ମପୁର ଏସ୍‌ଡିଜେଏମ କୋର୍ଟ ଚାଲାଣ କରିଛି । ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି।

ସୁନୀଲ ବ୍ରହ୍ମପୁର ସହର ସ୍ଥିତ ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିଲେ ମଧ ଘଟଣା ଦିନ ଗ୍ୟାଙ୍ଗ ଲିଡର ଭାବେ ଦୁଷ୍ମନ୍ତଙ୍କ ଘର ନିକଟକୁ ଯାଇ ତାଙ୍କୁ ସଂଘବଦ୍ଧ ଆକ୍ରମଣରେ ସାମିଲ ହୋଇଥିଲେ ବୋଲି ତଦନ୍ତ କାରୀ ପୋଲିସ ଅଧିକାରୀ ବଳଭଦ୍ର ଗଣ୍ଡ କହିଛନ୍ତି। ପୋଲିସ ତାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରୁଥିବା ଜାଣି ଅନ୍ୟ ଏକ ମୋବାଇଲ ନମ୍ବରକୁ କଲ ଡାଇଭର୍ଟ କରି ସେଥିରେ କେବଳ ଚାଟିଂ କରୁଥିଲେ। ଜଣେ ନକଲି ବ୍ୟାଙ୍କ ଜମାକାରୀ ଭାବେ ପରିଚୟ ଦେଇ ଏକ ପଲିସି କରାଇବା ବାହାନାରେ ପୋଲିସ ସୁନୀଲଙ୍କୁ ଅନ୍ୟଜଣେ ବ୍ୟକ୍ତିଙ୍କ ଜରିଆରେ ଦିଗପହଣ୍ଡି ନିକଟକୁ ଶୁକ୍ରବାର ପୂର୍ବାହ୍ନ ରେ ଡ଼ାକିଆଣିବାରେ ସଫଳ ହୋଇଥିଲା। ସୁନୀଲ ଆସିବା ଜାଣି ପୂର୍ବରୁ ସାଦା ପୋଷାକରେ ଛକି ରହିଥିବା ପୋଲିସ ଟିମ ପହଞ୍ଚି ତାଙ୍କୁ ଧରିଥିଲା। ସୂଚନାଯୋଗ୍ୟ, ଦୁଷ୍ମନ୍ତଙ୍କ ପାନ ଦୋକାନରୁ ଘଟଣା ଦିନ ରାତିରେ ଅଭିଯୁକ୍ତମାନେ ସିଗାରେଟ, ପାଣି ପାଉଚ ବାକିରେ ମାଗିବାରୁ ବଚସା ହୋଇଥିଲା। କିଛିସମୟ ପରେ ସେମାନେ ବିଭିନ୍ନ ମାରଣାସ୍ତ୍ର ଧରି ସଂଘବଦ୍ଧ ହୋଇ ଖଣ୍ଡାରେ ହାଣି ହତ୍ୟା କରିଥିଲେ।

## ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ ପାଇଁ ପହଞ୍ଚିଲା ଦାରୁ

**ରମ୍ଭା,୩୦।୪**

ଗଞ୍ଜାମ ବ୍ଲକ ସୁବଳୟା ଗ୍ରାମ ପଞ୍ଚାୟତ ଅଧୀନ ମଠମୁକନ୍ଦପୁର ଗ୍ରାମରେ ଦୀର୍ଘଦିନର ଅଭିଳାସ ଥିବା ବେଳେ ସିପକୁଦା ଗ୍ରାମରୁ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ ପାଇଁ ଦାରୁ ସଂଗ୍ରହ ସହିତ ନୀତିନିୟମ ପ୍ରକାରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମନ୍ଦିର ନିକଟରେ ପହଞ୍ଚିଛି। ଦାରୁ ମଧ୍ୟରେ ୪ ଖଣ୍ଡ ରହିଛି। ମଠମୁକନ୍ଦପୁର ଗ୍ରାମ ସହିତ ପାର୍ଶ୍ୱବର୍ତ୍ତୀ ବହୁ ଗ୍ରାମ ସାମିଲ ହୋଇ ଉତ୍ସାହ ଉଦ୍ଦିପନା ସହ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଦୀର୍ଘଦିନର ପ୍ରତୀକ୍ଷା, ପ୍ରତିଜ୍ଞା, ଅଭିଳାସ, ଉତ୍ସାହ, ଇଚ୍ଛାଶକ୍ତି ଏସବୁ ନ ଥିଲେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇ ନ ପାରେ ବୋଲି ପଣ୍ଡିତ ତୃପ୍ତିନାଥ ତ୍ରିପାଠୀ ପ୍ରକାଶ କରିଛନ୍ତି।

# କରୋନା ସ୍ଥିତି ସମୀକ୍ଷା କଲେ ଉପଜିଲାପାଳ

**ଭଞ୍ଜନଗର,୩୦।୪(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡରେ ଗୁରୁବାର ସୁଦ୍ଧା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ଅତିକ୍ରମ କରିଛି । ସେଥିମଧ୍ୟରୁ ପ୍ରାୟ ୩ ଶହ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବେଳେ କରୋନାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ସୁଦ୍ଧା ଉପଖଣ୍ଡର ଆସିକାରେ ୪୫, ଭଞ୍ଜନଗରରେ ୭୦, ବୁଗୁଡ଼ାରେ ୩୫, ଧରାକୋଟରେ ୨୪, ଜଗନ୍ନାଥପ୍ରସାଦରେ ୨୬, ଶେରଗଡ଼ରେ ୨୦ ଏବଂ ସୋରଡ଼ା ବ୍ଲକ ଓ ଏନଏସିରେ ୨୩ ସକ୍ରିୟ ଆକ୍ରାନ୍ତ ଥିବା ଜଣାପଡ଼ିଛି । ଆଗକୁ ଆକ୍ରାନ୍ତ ସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଥିବାରୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ୮ଟି କୋଭିଡ୍ କେୟାର ସେଣ୍ଟର (ସିସିସି) ଖୋଲିବା ଯୋଜନା ଅଛି । ସ୍ଥିତି ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶୁକ୍ରବାର ସୋରଡ଼ା ଆଦର୍ଶ ବିଦ୍ୟାଳୟ ପରିସରରେ ହେଉଥିବା ସିସିସି ବୁଲି ଦେଖିଥିଲେ । ଅନ୍ୟ ବ୍ଲକର ସିସିସିଗୁଡ଼ିକ ମଧ୍ୟ ପର୍ଯ୍ୟାୟକ୍ରମେ ଖୋଲିବ । ଏହା ପୂର୍ବରୁ ଭଞ୍ଜନଗର ଓ ଆସିକା ନିକଟସ୍ଥ ବାବନପୁର ଠାରେ ୨ଟି ଡେଡିକେଟେଡ଼ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। କରୋନା ଚେନ୍‌କୁ ଭାଙ୍ଗିବା ପାଇଁ ରାତ୍ର କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ କରାଯାଉଥିବା ବେଳେ ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ଦୈନିକ କିଛି ଘଣ୍ଟା ଦୋକାନ ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଶାସନ ପକ୍ଷରୁ କଡାକଡ଼ି ଭାବେ ମାସ୍କ ଯାଞ୍ଚ କରାଯାଉଛି । ଉପଖଣ୍ଡରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣରେ ଅଛି । ଲୋକେ କୋଭିଡ୍ ନିୟମ ମାନିଚଳିଲେଏହା ଗ୍ରୀନ୍ ଜୋନ ହୋଇପାରିବ। କୋଭିଡ୍‌ର ସଫଳ ମୁକାବିଲା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ା ବୋଲି ଉପଜିଲାପାଳ ମିଞ୍ଜ କହିଛନ୍ତି ।

